# NATIONAL NEWS BULLETIN (ODIA)

**12 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଭାରତ ଅଧ୍ୟକ୍ଷତାରେ ଆଉ କିଛି ସମୟ ପରେ ଆରମ୍ଭ ହେବ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ

–ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସମେତ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ସଦସ୍ୟ ଓ ସହଯୋଗୀ ରାଷ୍ଟ୍ରର ନେତୃବୃନ୍ଦ

- ବ୍ରିକ୍ସ ସମ୍ମିଳନୀ ପରିପ୍ରେକ୍ଷୀରେ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ

- ଚୀନ୍‌ର ଗୁଆଙ୍ଗଝୁ ଏବଂ ନୂଆଦିଲ୍ଲୀ ମଧ୍ୟରେ ଆସନ୍ତା ୨୧ ତାରିଖରୁ ପୁନଃ ଆରମ୍ଭ ହେବ ବିମାନ ଚଳାଚଳ

- ୨୦୨୬ ଜୁନିଅର ଏସୀୟ ହକି ଫାଇନାଲରେ ପହଞ୍ଚିଲା ଭାରତୀୟ ମହିଳା ଦଳ

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

---

# ବ୍ରିକ୍ସ ସମିଟ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତ ଅଧ୍ୟକ୍ଷତାରେ ଆଜି ଅପରାହ୍ନରୁ ୨ ଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ସମ୍ମିଳନୀରେ ଭାରତ ସମେତ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ୍, ସାଉଦୀଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ଯୋଗଦେବେ । ବିଶ୍ୱର ୧୧ଟି ପ୍ରମୁଖ ଉଦୀୟମାନ ତଥା ବିକାଶଶୀଳ ଅର୍ଥନୈତିକ ରାଷ୍ଟ୍ରକୁ ଏକାଠି କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରୁଛି । ଏହି ଶିଖର ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ବିଶ୍ୱ ଶାସନ ବ୍ୟବସ୍ଥା ବହୁପକ୍ଷୀୟବାଦ, ବାଣିଜ୍ୟ ଓ ନିବେଶ, ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ଓ ଶକ୍ତିସୁରକ୍ଷା, ସ୍ୱାସ୍ଥ୍ୟସେବା,ବିପର୍ଯ୍ୟୟ ମୁକାବିଲା ପରିଚାଳନା ଓ ଯୋଗାଣ ଶୃଙ୍ଖଳ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ପ୍ରସ୍ତୁତି' ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ ଫତା ଏଲ୍-ସିସି, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିୟାଣ୍ଟୋ, ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାଏଦ୍

ଅଲ୍‌ନାହିୟାଁ ଏବଂ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବିୟ ଅହମ୍ମଦ ଅଲ୍ଲିଙ୍କ ସମେତ ବହୁ ବିଶ୍ୱ ନେତୃବୃନ୍ଦ ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ବୈଠକ ଅବସରରେ ଆଜି ସମାବେଶୀ ବିଶ୍ୱ ପ୍ରଶାସନ ଏବଂ ବହୁପକ୍ଷୀୟ ସୁଦୃଢ଼ତା ଶୀର୍ଷକ ଏକ ଅଧିବେଶନ ଆୟୋଜିତ ହେବ । ଆସନ୍ତାକାଲି ସ୍ଥିରତା, ନବସୃଜନ, ସହଯୋଗ ଓ ନିରନ୍ତରତା : ସମାବେଶୀ ବିଶ୍ୱ ଅଭିବୃଦ୍ଧିର ଭବିଷ୍ୟତ ଗଠନ ଦିଗରେ ଏକ ଅଧିବେଶନ ଅନୁଷ୍ଠିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସମେତ ବିଭିନ୍ନ ସଦସ୍ୟ ରାଷ୍ଟ୍ର ଓ ୧୦ଟି ସହଭାଗୀ ଦେଶର ନେତୃବୃନ୍ଦ ସାମିଲ ହେବେ । ସହଭାଗୀ ଦେଶଗୁଡ଼ିକ ମଧ୍ୟରେ ବେଲାରୁଷ୍, ବଲିଭିଆ, କାଜାକ୍‌ସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲ୍ୟାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ତାନ ଓ ଭିଏତ୍‌ନାମ ଅଛନ୍ତି।

---

## ଲିଡର୍ସ ଆରାଇଭାଲ୍

ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ବିଭିନ୍ନ ସଦସ୍ୟ ରାଷ୍ଟ୍ର ଓ ସହଯୋଗୀ ଦେଶର ଶୀର୍ଷ ନେତୃତ୍ୱ ତଥା ପ୍ରତିନିଧି ନୂଆଦିଲ୍ଲୀରେ ଆସି ପହଞ୍ଚୁଛନ୍ତି । ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସମେତ ବେଲାରୁସ୍‌ର ବୈଦେଶିକ ମନ୍ତ୍ରୀ ମାକ୍ସିମ୍ ରାଇଜେନ୍‌କୋ, ଭିଏତନାମ ପ୍ରଧାନମନ୍ତ୍ରୀ ଲେ ମିନ ହଙ୍ଗ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରସ ଆଦାନମ୍ ଘେବ୍ରିଏସିସ୍ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।

---

# ପିଏମ୍-ବାଇଲାଟେରାଲ୍ସ

ବ୍ରିକ୍ସ ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଭିନ୍ନ ଦେଶର ମୁଖ୍ୟଙ୍କ ସହ ନୂଆଦିଲ୍ଲୀଠାରେ  ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି । ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଆବି ଅହମ୍ମଦ ଅଲ୍ଲୀଙ୍କ ସହ ବୈଠକରେ ଉଭୟ ନେତା ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାକୁ ମଜବୁତ କରିବା ନେଇ ମତ ବିନିମୟ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଦୁଇଦେଶ ମଧ୍ୟରେ ଆର୍ଥିକ ସହଯୋଗ, ପ୍ରତିରକ୍ଷା ଓ ସୁରକ୍ଷା ସହଭାଗିତା ଏବଂ ଦକ୍ଷତା ବିକାଶ ଆଦି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଗତିଶୀଳତାର ସମୀକ୍ଷା କରିଛନ୍ତି । ବ୍ରିକ୍ସ ସମ୍ମିଳନୀରେ ଇଥିଓପିଆର ଅଂଶଗ୍ରହଣକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ କ୍ଷେତ୍ର ଉପରେ ଉଭୟ ନେତା ଚିନ୍ତାଧାରା ଆଦାନ ପ୍ରଦାନ କରିଛନ୍ତି । ବହୁପକ୍ଷିୟ ମଞ୍ଚରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ସହମତି ପ୍ରକାଶ ପାଇଛି ।

ମାଲେସିଆ ପ୍ରତିପକ୍ଷ ଅନୱ୍ୱାର ଇବ୍ରାହିମ୍‌ଙ୍କ ସହିତ ମଧ୍ୟ ଆଲୋଚନା କାଳରେ ଶ୍ରୀ ମୋଦୀ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା ଓ ଲୋକସଂପର୍କ ଆଦି ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆସିଆନ-ଭାରତ ସଂପର୍କକୁ ମଜବୁତ କରିବାରେ ମାଲେସିଆର ନିରନ୍ତର ସମର୍ଥନକୁ ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି ।

ଭିଏତନାମ ପ୍ରତିପକ୍ଷ ଲେ ମିନ୍ ହଙ୍ଗଙ୍କ ସହ ଆଲୋଚନା କାଳରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆବୁଧାବିର ଯୁବରାଜ ଶେଖ୍ ଖାଲେଦ ବିନ ମହମ୍ମଦ ବିନ ଜାୟଦ ଅଲ୍ ନାହ୍ୟାଁନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଆଜି ଦ୍ୱିପାକ୍ଷିକ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

---

## ପ୍ରେଜ୍ ମୁର୍ମୁ-ପେଜେସ୍କିଆନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବ୍ରିକ୍ସ ବୈଠକରେ ଯୋଗଦେବା ଲାଗି ଭାରତ ଗସ୍ତରେ ଆସିଥିବା ରାଷ୍ଟ୍ରପତି ପେଜେସ୍କିଆନ୍ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ପଶ୍ଚିମ ଏସିଆ ପରିସ୍ଥିତି ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା । ଶାନ୍ତି, ସ୍ଥିରତା ଓ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଥିଲେ ।

---

## ଇଣ୍ଡିଆ-ଚୀନ୍

ଚୀନ୍‌ର ଗୁଆଙ୍ଗଝୁ ଏବଂ ନୂଆଦିଲ୍ଲୀ ମଧ୍ୟରେ ଆସନ୍ତା ୨୧ ତାରିଖରୁ ନିୟମିତ ଯାତ୍ରୀବାହୀ ବିମାନ ପୁନଃ ଚଳାଚଳ କରିବ । ଚୀନ୍‌ର ଦକ୍ଷିଣ

ଏୟାର ଲାଇନ୍ସ ଏହି ସୂଚନା ଦେଇଛି । କୋଭିଡ-୧୯ ମହାମାରୀ ପରିପ୍ରେକ୍ଷୀରେ ୨୦୨୦ ମସିହାରୁ ଏହି ବିମାନପଥରେ ଉଡ଼ାଣ ସ୍ଥଗିତ ରଖାଯାଇଥିଲା । ୬ ବର୍ଷ ପରେ ଗୁଆଙ୍ଗଝୁ ଓ ନୂଆଦିଲ୍ଲୀ ମଧ୍ୟରେ ପୁନଃ ବିମାନସେବା ଆରମ୍ଭ ହେବାକୁ ଯାଉଛି । ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭଭାରତ ଗସ୍ତରେ ଆସିଥିବା ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନାର ଅବ୍ୟବହିତ ପୂର୍ବରୁ ଏହି ବିମାନ ଚଳାଚଳ ନେଇ ଘୋଷଣା କରାଯାଇଛି । ଭାରତର ବିମାନ ସେବା ପ୍ରଦାନକାରୀ କମ୍ପାନି ଇଣ୍ଡିଗୋ ଗତ ମାର୍ଚ୍ଚ ମାସରେ ସାଂଘାଇ ଓ କୋଲକାତା ମଧ୍ୟରେ ଦୈନିକ ଉଡ଼ାଣ ଆରମ୍ଭ କରିଥିଲା । ଦ୍ୱିପାକ୍ଷିକ ବିମାନ ସଂଯୋଗକୁ ଏହା ଆହୁରି ବ୍ୟାପକ କରିଛି ।

## ଯୋଶୀ–ଭାରତ ଇନୋଭେସନ

ବ୍ରିକ୍ସ ସମ୍ମିଳନୀ ଅବସରରେ ଉଚ୍ଚଶିକ୍ଷା ଓ ଗବେଷଣା କ୍ଷେତ୍ରର ନବସୃଜନକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ 'ଭାରତ ଇନୋଭେଟ୍‌ସ' ପ୍ରଦର୍ଶନୀକୁ ପ୍ରସ୍ତୁତ କରାଯାଇଛି ବୋଲି ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ପ୍ରଦର୍ଶନୀକୁ ବିଭିନ୍ନ ଦେଶର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିବା ଦେଶପାଇଁ ଏକ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ ଦେଶର ନବସୃଜନ କ୍ଷେତ୍ର ତ୍ୱରାନ୍ୱିତ ହୋଇଛି ବୋଲି ଶ୍ରୀ ଯୋଶୀ କହିଛନ୍ତି । ଭାରତର ନବସୃଜନ ଯାତ୍ରା ବିଶ୍ୱସ୍ତରରେ ପ୍ରଭାବ ପକାଉଛି ବୋଲି ସେ କହିଛନ୍ତି ।

# ରାଜନାଥ-ଶାହା-ଗୁରୁଗ୍ରନ୍ଥ

ଶ୍ରୀ ଗୁରୁଗ୍ରନ୍ଥ ସାହେବଙ୍କ ପ୍ରକାଶ ପରବ ଅବସରରେ ଶିଖ୍ ସଂପ୍ରଦାୟଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଜୀବନରେ ପ୍ରକୃତ ମାର୍ଗଦର୍ଶନ ଜ୍ଞାନ, ସତ୍ୟ ଓ ନୀତିନିଷ୍ଠାରୁ ଆସିଥାଏ ବୋଲି ଶ୍ରୀ ଗୁରୁଗୋବିନ୍ଦ ସିଂ ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେଇଛନ୍ତି । ପବିତ୍ର ଧର୍ମଗ୍ରନ୍ଥରେ ସେବା, ତ୍ୟାଗ, ସମାନତା, କରୁଣା ଓ ମାନବତା ଉପରେ ଅମୂଲ୍ୟ ବାଣୀ ରହିଛି, ଯାହାକି ସମାଜକୁ ମାନବ କଲ୍ୟାଣ ପାଇଁ ସର୍ବଦା ପ୍ରେରଣା ପ୍ରଦାନ କରି ଚାଲିଛି ।

ପ୍ରତିରକ୍ଷାମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଶ୍ରୀ ଗୁରୁଗ୍ରନ୍ଥ ସାହିବର ଶିକ୍ଷା ମଣିଷକୁ ଉଚିତ ମାର୍ଗଦର୍ଶନ କରିଥାଏ ବୋଲି କହିଛନ୍ତି ।

---

# ହକି

ଜୁନିୟର ଏସୀୟ ହକି ୨୦୨୬ ଫାଇନାଲ୍‌କୁ ଭାରତୀୟ ମହିଳା ଦଳ ଉନ୍ନୀତ ହୋଇଛି । ଚୀନ୍‌ର ମୋକୀ ଠାରେ ଆଜି ଖେଳାଯାଇଥିବା ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ' ଦକ୍ଷିଣ କୋରିଆକୁ ୫-୧ରେ ପରାସ୍ତ କରିଛି । ଭାରତୀୟ ଖେଳାଳି ସୁପ୍ରିୟା ୩ଟି ଗୋଲ୍ କରିଥିବା ବେଳେ ମଧୁ ସିଦାର୍ ଏବଂ ସୁଖବୀର କୌର୍ ଗୋଟିଏ ଲେଖାଏଁ ଗୋଲ୍ କରିଛନ୍ତି । ଦକ୍ଷିଣ କୋରିଆର ୟୁରିଜିଓଁ ଏକମାତ୍ର ଗୋଲ୍ କରିଛନ୍ତି ।

ଚୀନ୍ ଓ ଜାପାନ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ର ବିଜେତା ଭାରତୀୟ ଦଳକୁ ଫାଇନାଲ୍‌ରେ ଭେଟିବ ।

ପୂର୍ବରୁ ଭାରତୀୟ ମହିଳା ଦଳ ୨୦୨୩ ଓ ୨୦୨୪ରେ ଜୁନିଅର୍ ଏସିଆ କପ୍ ଜିତିଥିଲା ।

---

## କ୍ରିକେଟ୍-ଟି୨୦ ଏସିଆକପ୍

ଟି-୨୦ ଏସିଆ କପ୍ ମହିଳା କ୍ରିକେଟ୍ ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ଫାଇନାଲ୍‌ରେ ଭାରତ - ଶ୍ରୀଲଙ୍କା ପରସ୍ପରକୁ ଭେଟିବେ । ଦୁବାଇଠାରେ ଏହି ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ଓ୍ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା । ୧୩୧ରନ୍‌ର ପିଛାକରି ଶ୍ରୀଲଙ୍କା ୧୮ଓଭର ୪ଟି ବଲ୍‌ରେ ୬ଓ୍ୱିକେଟ୍ ହରାଇ ୧୩୪ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୩୦ରନ୍ ସଂଗ୍ରହ କରିଥିଲା । ପାକିସ୍ତାନ ଅଧିନାୟିକା ଫାତିମା ସାନା ୪୭ରନ୍ ସ୍କୋର୍ କରିଥିବାବେଳେ ୪ଟି ଓ୍ୱିକେଟ୍ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ।

---

## ଓ୍ୱେଦର

ଛତିଶଗଡ଼, ତେଲଙ୍ଗାନା ଏବଂ ବିଦର୍ଭରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଓଡ଼ିଶା ସମେତ ତେଲଙ୍ଗାନା, ଓ୍ୱେଷ୍ଟବେଙ୍ଗଲ, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର କେତେକ ଭାଗ, ଗୁଜରାଟ,

କୋଙ୍କଣ,ଗୋଆ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଛତିଶଗଡ଼ରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।

---